◆ Bhubaneswar, September 1-15, 2026
◆ ଭୁବନେଶ୍ୱର, ସେପ୍ଟେମ୍ବର ୧-୧୫, ୨୦୨୬
◆ Vol. -09 ◆ Issue -18
◆ ଭାଗ-୦୯ ◆ ସଂଖ୍ୟା-୧୮
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY
RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda



ରକ୍ଷା ବନ୍ଧନ ଅବସରରେ ନବୀନ ନିବାସ ରେ ବିରୋଧୀଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବାକୁ ବିଶେଷ ଭିଡ଼ ହୋଇଥିଲା। କୁନି କୁନି ଝିଅ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ର ସଭ୍ୟ ମାନେ ସମବେତ ହୋଇଥିଲେ।

## ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି : ମୁଖ୍ୟମନ୍ତ୍ରୀ

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନୟାଗଡ ଠାରେ ସୁଭଦ୍ରା ଯୋଜନାର ପଂଚମ କିସ୍ତି ବଂଟନ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ ଆଜି ନୟାଗଡ ଜିଲ୍ଲା ଲାଠିପଡାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଂଚମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟିର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ନୟାଗଡ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତି ଅଛନ୍ତି। ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଟଂନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା। ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇ ନିଜ ପାଇଁ ନିଜେ ନିଷ୍ପତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ। ଓଓଗ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦି ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି। ମହିଳାଙ୍କ ଆକାଉଂଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି। ନୟାଗଡର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ



ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳ ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ Women Entrepreneurship Platform ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ, ଦକ୍ଷତା, ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ। ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ନୟାଗଡ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଂଚମ କିସ୍ତିରେ ୧୧୬ କୋଟି ୮୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ନୟଗାଡ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ ଚିନି କଳ ପ୍ରତିଷ୍ଠା ସହିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ ଆରମ୍ଭ ହେବ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ମା ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତନ ଆଣିଛି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସାଢେ ଚାରି କୋଟି ଲୋକଙ୍କ ପାଖରେ ପହଂଚିବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କଠିନ ପରିଶ୍ରମ କରୁଛନ୍ତି।

## ନେପାଳରେ ଭୟଙ୍କର ବନ୍ୟା ଚାଲିଗଲା ଶହଶହ ଜୀବନ

କାଠମାଣ୍ଡୁ: ନେପାଳର ରସୁଓ୍ୱା ଜିଲ୍ଲାରେ ବୁଧବାର ସକାଳେ ଭୋଟେକୋଶୀ ନଦୀରେ ହଠାତ୍ ଭୟଙ୍କର ବନ୍ୟା ଆସି ବ୍ୟାପକ ଧ୍ୱଂସ ଘଟାଇଛି। ନଦୀ କୂଳରେ ଥିବା ବଜାର, ବସ୍ତି, ରାସ୍ତା ଓ ବ୍ରିଜ୍ ଭାସିଯାଇଛି। ତିମୁରେ ରୁ ସ୍ୟାଫ୍ରୁବେଶୀ ପର୍ଯ୍ୟନ୍ତ ବଡ଼ ଅଞ୍ଚଳରେ ବନ୍ୟାଜଳ ପଶିଛି। ଏହି ବନ୍ୟାରେ ୧୦୦୦ରୁ ଅଧିକ ଲୋକ ନିଖୋଜ ଥିବା ବେଳେ ୩୦୦ରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୧୦୦ରୁ ଅଧିକ ଭାରତୀୟ ଥିବା ଜଣାପଡ଼ିଛି। ବନ୍ୟାରେ କ୍ଷୟକ୍ଷତିର ପ୍ରକୃତ ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାରୀ ଦଳ ମଧ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ନେପାଳ ସରକାର ସଂସଦରେ କହିଛନ୍ତି ଯେ ବୁଧବାର ସକାଳେ ଭୋଟେକୋଶୀ ନଦୀରେ ହଠାତ୍ ଆସିଥିବା ବନ୍ୟା ପଛରେ ଭୂକମ୍ପ ଓ ହିମସ୍ଖଳନ ଥିବା ନେଇ ପ୍ରାଥମିକ ସୂଚ଼ନା ମିଳିଛି।

ଏହି ବିପର୍ଯ୍ୟୟ ପରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ବିପୁଳ ଜଳରାଶି ହଠାତ୍ ଭୋଟେକୋଶୀ ନଦୀକୁ ଆସିଲା କେଉଁଠୁ? ନେପାଳର ଭୂବିଜ୍ଞାନ ବିଶେଷଜ୍ଞଙ୍କ ପ୍ରାଥମିକ ଆକଳନ ଅନୁସାରେ, ଚ଼ୀନ୍ ତିବ୍ୱତ ଅଞ୍ଚଳରେ ଥିବା କୌଣସି ହିମନଦୀ ହ୍ରଦ ଭାଙ୍ଗିଯିବା କିମ୍ବା ହିମସ୍ଖଳନ ଯୋଗୁଁ ଏହି ବନ୍ୟା ଆସିଥାଇପାରେ। ତେବେ ଏହା ଏବେ ସୁଦ୍ଧା ଏକ ପ୍ରାଥମିକ ଆକଳନ ମାତ୍ର।

ତ୍ରିଭୁବନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପ୍ରଫେସର ରଞ୍ଜନ କୁମାର ଦହଲଙ୍କ ଅନୁସାରେ, ବନ୍ୟାର ଭିଡିଓରେ ଦେଖାଯାଉଥିବା ପାଣିର ପରିମାଣ ସାଧାରଣ ବନ୍ୟାଠାରୁ ଯଥେଷ୍ଟ ଅଧିକ। କେବଳ ନଦୀ ରାସ୍ତାରେ ଏକ ବାଧା ସୃଷ୍ଟି ହେଲେ ଏତେ ବଡ଼ ବନ୍ୟା ଆସିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ବିଶେଷଜ୍ଞଙ୍କ ସନ୍ଦେହ ଅନୁସାରେ, ଲେଣ୍ଡେ ନଦୀର ଉପରମୁଣ୍ଡରେ ଥିବା ତିନୋଟି ହ୍ରଦ ମଧ୍ୟରୁ କୌଣସି ଗୋଟିଏ ହ୍ରଦ ଭାଙ୍ଗିଯାଇଥାଇପାରେ। ହ୍ରଦ ନିକଟରେ ଭୂସ୍ଖଳନ କିମ୍ବା ହିମସ୍ଖଳନ ହୋଇଥିବାରୁ ହ୍ରଦ ଉପରେ ଚ଼ାପ ବଢ଼ିଥାଇପାରେ। ଏହାପରେ ବହୁ ପରିମାଣର ପାଣି ହଠାତ୍ ତଳକୁ ପ୍ରବାହିତ ହୋଇଥିବା ସମ୍ଭାବନା ରହିଛି। ତେବେ ପ୍ରକୃତରେ କେଉଁ ହ୍ରଦ ଭାଙ୍ଗିଛି ଏବଂ ଘଟଣାଟି କିପରି ଘଟିଛି, ତାହା ଏବେ ବି ସ୍ପଷ୍ଟ ହୋଇନାହିଁ।

ଏହି ବିପର୍ଯ୍ୟୟର ଆଉ ଏକ ବଡ଼ ଦିଗ ହେଉଛି ସମୟୋପଯୋଗୀ ସୂଚ଼ନାର ଅଭାବ। ନେପାଳୀ ବିଶେଷଜ୍ଞଙ୍କ ପାଖରେ ଏହି ଅଞ୍ଚଳର ନୂଆ ସାଟେଲାଇଟ୍ ଚ଼ିତ୍ର ଓ ପର୍ଯ୍ୟାପ୍ତ ତାଜା



ତଥ୍ୟ ନଥିବା ଜଣାପଡ଼ିଛି। ଏନେଇ ନେପାଳୀ ବିଶେଷଜ୍ଞମାନେ ଚ଼ୀନ୍ର ବୈଜ୍ଞାନିକ ଦଳ ସହ ଅନେକ ଅନଲାଇନ୍ ବୈଠକ କରିଛନ୍ତି। ସମ୍ଭାବ୍ୟ ବିପଦ ସ୍ଥଳ ସମ୍ପର୍କରେ ମଧ ତଥ୍ୟ ଆଦାନପ୍ରଦାନ ହୋଇଛି।

ହେଲେ ନେପାଳକୁ ଅନେକ କ୍ଷେତ୍ରରେ ଚ଼ୀନ୍ରାରୁ ମିଳୁଥିବା ତଥ୍ୟ ଓ ସୂଚ଼ନା ଉପରେ ନିର୍ଭର କରିବାକୁ ପଡୁଛି।

ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ସମ୍ଭାବ୍ୟ ଘଟଣାସ୍ଥଳ ନେପାଳ-ଚ଼ୀନ୍ ସୀମାଠାରୁ ପ୍ରାୟ ୩୦ରୁ ୪୦ କିଲୋମିଟର ଉପରେ ହୋଇପାରେ। ଯଦି ହ୍ରଦ ଭାଙ୍ଗିବା କିମ୍ବା ହିମସ୍ଖଳନର ସୂଚ଼ନା ସମୟରେ ମିଳିଥାନ୍ତା, ତେବେ ତଳ ଅଞ୍ଚଳର ଲୋକଙ୍କୁ ପ୍ରାୟ ୩୦ରୁ ୪୫ ମିନିଟ୍ ପୂର୍ବରୁ ସତର୍କ କରାଯାଇପାରିଥାନ୍ତା। ଏହାଦ୍ୱାରା ଅନେକ ଜୀବନ ବଞ୍ଚାଇବା ସମ୍ଭବ ହୋଇଥାନ୍ତା।

ଭୋଟେକୋଶୀ ଅଞ୍ଚଳରେ ଗତବର୍ଷ ମଧ ଏଭଳି ଭୟଙ୍କର ବନ୍ୟା ଆସିଥିଲା। ସେହି ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୮ ଜଣ ନିଖୋଜ ହୋଇଥିଲେ। ପରବର୍ତ୍ତୀ ସମୟରେ ତିବ୍ୱତର ଏକ ସୁପ୍ରାଗ୍ଲେସିଆଲ୍ ହ୍ରଦରୁ ହଠାତ୍ ପାଣି ବାହାରିବା ଯୋଗୁଁ ବନ୍ୟା ଆସିଥିବା ଜଣାପଡ଼ିଥିଲା। ଏହାର ପ୍ରଭାବରେ ନେପାଳ-ଚ଼ୀନ୍ ମଧ୍ୟରେ ଥିବା ଫ୍ରେଣ୍ଡସିପ୍ ବ୍ରିଜ୍ ମଧ ଭାସିଯାଇଥିଲା। ଏଥିଯୋଗୁଁ ସୀମା ବାଣିଜ୍ୟ ମଧ ପ୍ରଭାବିତ ହୋଇଥିଲା। ବିଶେଷଜ୍ଞଙ୍କ ମତରେ, ଚ଼ଳିତ ଥରର ବନ୍ୟାର ପରିମାଣ ଓ ତୀବ୍ରତା ଗତବର୍ଷର ଘଟଣାଠାରୁ ଅଧିକ ହୋଇପାରେ। ୧୯୮୦-୮୨ ମସିହାରେ ମଧ ହିମନଦୀ ହ୍ରଦ ଭାଙ୍ଗିବା ଯୋଗୁଁ ନାମଚେ ଅଞ୍ଚଳରେ ବଡ଼ ବନ୍ୟା ଆସିଥିଲା। ହିମାଳୟରେ ତାପମାତ୍ରା ବଢ଼ିବା ଯୋଗୁଁ ଗ୍ଲେସିୟର୍ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ଏହା ସହ ହିମସ୍ଖଳନ, ଗ୍ଲେସିୟର୍ ଉପରେ ବର୍ଷା ଓ ଭୂସ୍ଖଳନ ଭଳି ଘଟଣା ବଢୁଥିବାରୁ ହିମନଦୀ ହ୍ରଦରେ ପାଣିର ପରିମାଣ ବଢୁଛି। ଫଳରେ ହ୍ରଦ ହଠାତ୍ ଭାଙ୍ଗି ବନ୍ୟା ସୃଷ୍ଟି କରିବାର ବିପଦ ମଧ ବଢୁଛି। ଏବେ ସବୁଠାରୁ ବଡ଼ ପ୍ରଶ୍ନ, ଚ଼ୀନ୍ ପଟେ ଥିବା କୌଣସି ହିମନଦୀ ହ୍ରଦ ଭାଙ୍ଗିବାର ସୂଚ଼ନା ନେପାଳକୁ ପୂର୍ବରୁ ମିଳିଥିଲା କି?

## ଏମଏମଡିଆର ବିଲ୍ ନେଇ ବର୍ଷିଲେ ନବୀନ

ଭୁବନେଶ୍ୱର, : ଖଣି ଏବଂ ଖଣିଜ (ବିକାଶ ଓ ନିୟାମକ) ବା ଏମଏମଡିଆର ସଂଶୋଧନ ବିଲ୍ କୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ତୀବ୍ର ବର୍ଷିଛନ୍ତି ଓଡ଼ିଶାର ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ସଂଶୋଧିତ ଆଇନ ଓଡ଼ିଶାର ଖଣି ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ରାଜସ୍ୱକୁ କ୍ଷତିଗ୍ରସ୍ତ କରିବ ବୋଲି ସେ ଅଭିଯୋଗ କରିଛନ୍ତି।ବୁଧବାର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଭିଡିଓ ବାର୍ତାରେ ନବୀନ କହିଛନ୍ତି, "ଏ ମାଟି ଆମର, ଏ ଖଣି ସମ୍ପଦ ମଧ ଆମର।" ଓଡ଼ିଶାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରକୁ ରାଜ୍ୟବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଥିଲା। ୨୦୨୪ରେ ସରକାର ପରିବର୍ତନ ସମୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡ଼ିଥିବା ଦାବି କରି ସେ କହିଛନ୍ତି ଯେ ଦୃଢ଼ ଆର୍ଥିକ ପରିଚାଳନା ସହ ଖଣି ରାଜସ୍ୱ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। କିନ୍ତୁ ମାତ୍ର ଦୁଇ ବର୍ଷ ଭିତରେ ସବୁକିଛି ବଦଳିଗଲା। ଓଡ଼ିଶାକୁ ଏବେ ପୁଣି କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡ଼ିବ।

ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ପଠାଇଲେ, କିନ୍ତୁ ଏ ମାଟିର ସ୍ୱାର୍ଥ ପାଇଁ ସେମାନଙ୍କ ମଧ୍ୟରୁ କେହି ହେଲେ ପାଟି ଖୋଲିଲେ ନାହିଁ। ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହେଲେ।

ଏମଏମଡିଆର ସଂଶୋଧନ ବିଲ୍ କୁ ସଂସଦରେ ଆଲୋଚନା ବିନା ପାସ୍ କରାଯାଇଥିବା ନବୀନ ଅଭିଯୋଗ କରିଛନ୍ତି। ରାଜ୍ୟସଭାରେ କେବଳ ବିଜେଡି ସାଂସଦମାନେ ବିଲ୍ କୁ ଦୃଢ଼ ବିରୋଧ କରିଥିବା ସେ ଦାବି କରିଛନ୍ତି। ବିଲ୍ କୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଏବଂ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ଅନୁରୋଧ କରିଥିବା କହିଛନ୍ତି।

ନବୀନ କହିଛନ୍ତି ଓଡ଼ିଶାରେ ଥିବା କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, କୋଇଲା ଓ ମାଙ୍ଗାନିଜ୍ ଭଳି ଖଣିଜ ସମ୍ପଦରୁ ରାଜ୍ୟ ରାଜସ୍ୱ ପାଇଥାଏ। ନୂଆ ଆଇନ ଯୋଗୁଁ ରାଜ୍ୟର ଆୟ ହ୍ରାସ ପାଇଲେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାର ପ୍ରଭାବରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଏବଂ ଜନକଲ୍ୟାଣ ଯୋଜନା ପ୍ରଭାବିତ ହୋଇପାରେ ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା ଆବଶ୍ୟକ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ଅଧିକାର ଓ ଖଣି ସମ୍ପଦର ସୁରକ୍ଷା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ସେ କହିବା ସହ ରାଜ୍ୟବାସୀଙ୍କୁ ଏହି ଲଢ଼େଇରେ ଏକଜୁଟ ହେବାକୁ ନିବେଦନ କରିଛନ୍ତି।

### କଲେଜ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସଙ୍ଗ

## ଶିକ୍ଷା ବ୍ୟବସ୍ଥାର ଅବନତି ପାଇଁ ରାଜ୍ୟ ସରକାରଙ୍କର ତୋଗଲକି ନୀତି ଦାୟୀ: ବିଜେଡି

ଭୁବନେଶ୍ୱର :ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ପରୀକ୍ଷାମୂଳକ ଭାବେ ଛାତ୍ରଛାତ୍ରୀ ମାନଙ୍କର ବାୟୋମେଟ୍ରିକ ଉପସ୍ଥାନ (ଜୈବିକ ପରିଚ଼ୟ ଆଧାରିତ ଉପସ୍ଥାନ) କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷଣାକୁ ତୀବ୍ର ସମାଲୋଚ଼ନା କରିଛି ବିଜୁ ଜନତା ଦଳ। ବିଜେପି ସରକାରଙ୍କ ଗତ ଦୁଇ ବର୍ଷର ଶାସନରେ ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି ଓ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରି ନଥିବା ବେଳେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି।



ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧମ ସଂଯୋଜକ ଡ.ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ରାଜ୍ୟରେ ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ବିଜେପିର ନେତାମାନେ କଲେଜ ପରିଚ଼ାଳନାରେ ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି। ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ। ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଅଧ୍ୟାପକ ଓ କର୍ମଚ଼ାରୀମାନଙ୍କ ପାଇଁ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ରାଜ୍ୟ ସରକାରଙ୍କର ତୋଗଲକି ନୀତିର ପରିଚ଼ୟ। ରାଜ୍ୟ ସରକାର ରାଜ୍ୟରେ କେଜିରୁ ପିଜି ମାଗଣା ଶିକ୍ଷା କଥା ଘୋଷଣା କଲେ। କିନ୍ତୁ, ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଶିକ୍ଷାନୁଷ୍ଠାନ ଗୁଡିକୁ ଦିଆଯାଇନାହିଁ, ଯେଉଁ କାରଣରୁ ଅନେକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଫି ଆଦାୟ କରାଯାଉଛି। ଏହାଛଡା ଅନେକ ଶିକ୍ଷା ଅନୁଷ୍ଠାନରେ ସେଲ୍ଫ ଫାଇନାନ୍ସ (ନିଜସ୍ୱ ପାଣ୍ଠି) ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବ୍ୟବସ୍ଥାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚ଼ନା ନାହିଁ। ରାଜ୍ୟ ସରକାର ନିଜର ଅପାରଗତା ଲୁଚ଼ାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ ଉପସ୍ଥାନ କଥା କହୁଛନ୍ତି। ଶୃଙ୍ଖଳା ଆଳରେ ଛାତ୍ରଛାତ୍ରୀମାନଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି ରାଜ୍ୟ ସରକାର। 'ଜେନ୍-ଜି'ଙ୍କ ପ୍ରତି ସରକାରଙ୍କ ଏହି ଆଭିମୁଖ୍ୟ ଯଥାର୍ଥ ନୁହଁ। ରାଜ୍ୟ ବିଜେପି ସରକାରଙ୍କର ତୋଗଲକି ନୀତି ସକାଶେ ଶିକ୍ଷା ବ୍ୟବସ୍ଥାର ଦ୍ରୁତ ଅବନତି ଘଟିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଥିଲେ।

## ସରକାରୀ କର୍ମଚ଼ାରୀଙ୍କ ପରିବାର ପାଇଁ ବଡ଼ ଆଶ୍ୱସ୍ତି

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ପୁନର୍ବାସ ସହାୟତା) ନିୟମ, ୨୦୨୬ ପ୍ରଣୟନ କରାଯାଇଥିବାରୁ ଓଡିଶା ସରକାରୀ କର୍ମଚ଼ାରୀ ମିଳିତ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ହାର୍ଦ୍ଦିକ କୃତଜ୍ଞତା ଓ ଅଭିନନ୍ଦନ ଜଣାଯାଇଛି।

ନୂତନ ନିୟମ ଦ୍ୱାରା ୨୦୨୦ ମସିହାର ପୁନର୍ବାସ ସହାୟତା ନିୟମକୁ ଅଧିକ୍ରମଣ କରାଯାଇଛି। ଚ଼ାକିରିରେ ଥିବାବେଳେ କୌଣସି ସରକାରୀ କର୍ମଚ଼ାରୀଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟିଲେ, ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁଯାୟୀ ମୂଳସ୍ତରୀୟ ଗ୍ରୁପ୍-ଡି ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ବିଚ଼ାର କରାଯିବ।ନୂତନ ନିୟମରେ ଯୋଗ୍ୟ ପରିବାର ସଦସ୍ୟଙ୍କ ପରିସରକୁ ଅଧିକ ସମାବେଶୀ କରାଯାଇଛି। ନିର୍ଦ୍ଧାରିତ ସର୍ତ୍ତ ପୂରଣ ଓ ପିତାମାତାଙ୍କ ଉପରେ ନିର୍ଭରଶୀଳତା ପ୍ରମାଣିତ ହେଲେ ବିବାହିତ କିମ୍ବା ଅବିବାହିତ ନିର୍ବିଶେଷରେ ଝିଅଙ୍କୁ, ଏବଂ ପରିବାର ସହ ସ୍ଥାୟୀ ଭାବେ ରହୁଥିବା ବିଧବା ଝିଅ ଓ ବିଧବା ବୋହୂଙ୍କୁ ମଧ ନିୟମର ପରିସରଭୁକ୍ତ କରାଯାଇଛି। ୧୦୦ ପଏଣ୍ଟ ବ୍ୟବସ୍ଥାରେ ବାଦ୍ ପଡ଼ିଥିବା ପରିବାରଙ୍କୁ ନୂଆ ଆଶା

ନୂତନ ନିୟମର ସବୁଠାରୁ ମାନବିକ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି—୨୦୨୦ ନିୟମ ଅଧୀନରେ ବିଚ଼ାରାଧୀନ ଥିବା ସମସ୍ତ ଆବେଦନକୁ ନୂତନ ନିୟମ ଅନୁସାରେ ପୁନଃ ବିଚ଼ାର କରାଯିବ।ସେହିପରି, ପୂର୍ବର ୧୦୦ ପଏଣ୍ଟ ମୂଲ୍ୟାୟନ ବ୍ୟବସ୍ଥାରେ କେବଳ ଅଯୋଗ୍ୟ ଘୋଷିତ ହୋଇ ପ୍ରତ୍ୟାଖ୍ୟାନ ହୋଇଥିବା ଆବେଦନଗୁଡ଼ିକୁ ମଧ ପୁନଃ ବିଚ଼ାର କରାଯିବ। ଏହା ବର୍ଷ ବର୍ଷ ଧରି ନ୍ୟାୟସଙ୍ଗତ ପୁନର୍ବାସ ସହାୟତା ଆଶାରେ ଥିବା ଅନେକ ଶୋକସନ୍ତପ୍ତ ପରିବାର ପାଇଁ ନୂଆ ଆଶା ସୃଷ୍ଟି କରିଛି।ଏହା ସହିତ ସମ୍ପୂର୍ଣ୍ଣ ଆବେଦନ ପ୍ରାପ୍ତି ତାରିଖଠାରୁ ସାଧାରଣତଃ ଏକ ବର୍ଷ ମଧ୍ୟରେ ବିଚ଼ାର ଓ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବାରବ୍ୟବସ୍ଥାକୁ ମଧ ସଂଘ ସ୍ୱାଗତ କରିଛି।ଓଡିଶା ସରକାରୀ କର୍ମଚ଼ାରୀ ମିଳିତ ସଂଘ ପକ୍ଷରୁ କୁହାଯାଇଛି।

## ସମ୍ପାଦକୀୟ

# ନେପାଳରେ ବନ୍ୟାର ତାଣ୍ଡବ

ଆଜି ନେପାଳର ପାହାଡରେ ବର୍ଷା ହେଉନାହିଁ – ଯେପରି ଆକାଶ ଫାଟିଯାଇଛି। ନଦୀର ପାଣି କୂଳ ଲଂଘି ଗାଁ ଭିତରକୁ ପଶୁଛି। ଘର ଭାଙ୍ଗୁଛି। ରାସ୍ତା ହଜିଯାଉଛି। ସେତୁ ଭାସିଯାଉଛି। ଆଉ ସେହି ଧ୍ୱଂସ ମଧ୍ୟରେ ଜଣେ ମାଆ ନିଜ ସନ୍ତାନର ନାଁ ଧରି ଡାକୁଛି – କିନ୍ତୁ ଉତର ଆସୁନାହିଁ। ଏହି ନୀରବତା ହିଁ ନେପାଳର ବନ୍ୟାର ସବୁଠାରୁ ଭୟଙ୍କର ଚିତ୍ର। ଗତକାଲି ଯେଉଁ ଘରେ ଚୁଲି ଜଳୁଥିଲା, ଆଜି ସେଠାରେ କାଦୁଅ। ଯେଉଁ ଅଗଣାରେ ଶିଶୁମାନଙ୍କ ହସ ଶୁଣାଯାଉଥିଲା, ଆଜି ସେଠାରେ କେବଳ ପାଣିର ଗର୍ଜନ। ଯେଉଁ ବାଟରେ ବାପ ନିଜ ପୁଅକୁ ବିଦାୟ ଦେଉଥିଲେ, ସେହି ବାଟ ଆଜି ନିଜେ ନାହିଁ। ପ୍ରକୃତିର ଏହି ତାଣ୍ଡବ ଆମକୁ ଏକ କଠୋର ସତ୍ୟ ସାମ୍ନାରେ ଠିଆ କରିଦେଇଛି–ମଣିଷ କେତେ ଅସହାୟ ହୋଇପାରେ। ବର୍ଷ ବର୍ଷର ପରିଶ୍ରମରେ ତିଆରି ହୋଇଥିବା ଘରଟି ଗୋଟିଏ ରାତିରେ ଭାଙ୍ଗିପଡିପାରେ। ଜୀବନଭରି ସଂଚୟ କରା ସମ୍ପତି କିଛି ମୁହୂର୍ତରେ ପାଣି ସହ ଭାସିଯାଇପାରେ। କିନ୍ତୁ ମଣିଷ ଯେତେବେଳେ ହାରିଯାଏ, ସେତେବେଳେ ତାଙ୍କ ସହ କେବଳ ଗୋଟିଏ ଜୀବନ ଯାଏ ନାହିଁ ଗୋଟିଏ ପରିବାରର ଅନେକ ସ୍ୱପ୍ନ ମଧ୍ୟ ଭାଙ୍ଗିଯାଏ। ଜଣେ ଶିଶୁ ତା'ର ବାପାଙ୍କୁ ହରାଇଲେ, ତା'ର ଶୈଶବ ବଦଳିଯାଏ। ଜଣେ ମହିଳା ତା'ର ସ୍ୱାମୀଙ୍କ ହରାଇଲେ, ତାଙ୍କ ଆଗାମୀ ଜୀବନର ଭାର ବଦଳିଯାଏ। ଜଣେ ବୃଦ୍ଧ ନିଜ ସନ୍ତାନକୁ ହରାଇଲେ, ତାଙ୍କ ଘରର ନୀରବତା ଆଉ କେତେ ପୂର୍ବପରି ହୁଏ ନାହିଁ। ବନ୍ୟାର ପାଣି ହୁଏତ ଦିନେ ହ୍ରାସ ପାଇବ। କାଦୁଅ ଶୁଖିଯିବ। ଭାଙ୍ଗିଯିବା ରାସ୍ତା ପୁଣି ତିଆରି ହେବ। ଘରର ଦେଓଲି ପୁଣି ଉଠିବ। କିନ୍ତୁ ଯେଉଁ ମଣିଷମାନେ ଆଉ ନାହାନ୍ତି, ସେମାନଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ଏହି କାରଣରୁ ନେପାଳର ବନ୍ୟାକୁ କେବଳ ଆଉ ଏକ ପ୍ରାକୃତିକ ବିପର୍ଯ୍ୟାୟ ବୋଲି ଦେଖି ଆମେ ଆଗକୁ ବଢିଯିବା ଉଚିତ ନୁହେଁ। ଏହା ଆମ ପାଇଁ ଏକ ପ୍ରଶ୍ନ। ଆମେ କ'ଣ ଶିଖିଲୁ ? ପ୍ରତିବର୍ଷ ବର୍ଷା ଆସେ। ପାହାଡିଆ ଅଂଚଳରେ ଭୂସ୍ଖଳନ ହୁଏ। ନଦୀ ଫୁଲିଉଠେ। ଲୋକେ ଭୟଭୀତ ହୁଅନ୍ତି। ତଥାପି ପ୍ରତିଥର ବିପଦ ଆସିବା ପରେ ହିଁ ଯଦି ଆମେ ଉଦ୍ଧାର ପାଇଁ ଦୌଡୁ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆମର ପ୍ରସ୍ତୁତି କେଉଁଠି ? ଦୁର୍ଯୋଗକୁ ରୋକିବା ସବୁବେଳେ ସମ୍ଭବ ନୁହେଁ। କିନ୍ତୁ ଦୁର୍ଯୋଗରେ ମୃତ୍ୟୁ କମାଇବା ସମ୍ଭବ। ସମୟରେ ସତର୍କ ସୂଚନା ଦିଆଯାଇପାରେ। ବିପଦପ୍ରବଣ ଅଂଚଳରୁ ଲୋକଙ୍କୁ ପୂର୍ବରୁ ସୁରିତ ସ୍ଥାନକୁ ନିଆଯାଇପାରେ। ଉଦ୍ଧାର ଦଳକୁ ପ୍ରସ୍ତୁତ ରଖାଯାଇପାରେ। ଆବଶ୍ୟକ ଖାଦ୍ୟ, ଔଷଧ ଓ ପାଣି ପୂର୍ବରୁ ସଂଚୟ କରାଯାଇପାରେ। ତେବେ ଆମେ କାହିଁକି ସବୁବେଳେ ବିପଦ ପରେ ଜାଗୁଛୁ ? ଏହି ପ୍ରଶ୍ନର ଉତର କେବଳ ନେପାଳ ସରକାର ନୁହେଁ, ସମଗ୍ର ଅଂଚଳକୁ ଖୋଜିବାକୁ ହେବ। ହିମାଳୟ କେବଳ ନେପାଳର ନୁହେଁ। ତାହାର ଜଳ, ଜଙ୍ଗଲ, ନଦୀ ଓ ପରିବେଶ ସହ ଏକ ବିଶାଳ ଅଂଚଳର ଜୀବନ ଜଡିତ। ଜଳବାୟୁର ପରିବର୍ତନ ଓ ଅନିୟମିତ ବର୍ଷା ଆଗାମୀ ଦିନରେ ଏପରି ବିପଦକୁ ଆହୁରି ଗମ୍ଭୀର କରିପାରେ। ତେଣୁ ନେପାଳର ଆଜିର ଯନ୍ତ୍ରଣା ଆସନ୍ତାକାଲି ଆମ ଦ୍ୱାରରେ ମଧ୍ୟ ପହଂଚିପାରେ। ପ୍ରକୃତି ଆମକୁ ବାରମ୍ବାର ସଙ୍କେତ ଦେଉଛି। କିନ୍ତୁ ଆମେ ଶୁଣୁନାହୁଁ। ପାହାଡ କାଟୁଛୁ। ଜଙ୍ଗଲ ନଷ୍ଟ କରୁଛୁ। ନଦୀର ସ୍ୱାଭାବିକ ପଥକୁ ବଦଳାଉଛୁ। ବିପଦପ୍ରବଣ ଅଂଚଳରେ ନିର୍ମାଣ କରୁଛୁ। ପରେ ବିପଦ ଆସିଲେ ପ୍ରକୃତିକୁ ଦୋଷ ଦେଉଛୁ। ପ୍ରକୃତି ନିଶ୍ଚୟ ଶକ୍ତିଶାଳୀ। କିନ୍ତୁ ଆମର ଅବିବେକ ତାହାର କ୍ଷତିକୁ ଅନେକଗୁଣ ବଢାଇଦିଏ। ଆଜି ନେପାଳକୁ ଆବଶ୍ୟକ କେବଳ ସହାନୁଭୂତି ନୁହେଁ–ଆବଶ୍ୟକ ହାତ। ଆବଶ୍ୟକ ଉଦ୍ଧାର। ଅବାଶ୍ୟକ ଚିକିତ୍ସା। ଆବଶ୍ୟକ ଖାଦ୍ୟ ଓ ପାଣି। ଆବଶ୍ୟକ ଆଶ୍ରୟ। ଆବଶ୍ୟକ ପଡୋଶୀଙ୍କ ସହଯୋଗ। ଏବଂ ଆବଶ୍ୟକ ଏକ ଦୀର୍ଘକାଳୀନ ସଂକଳ୍ପ–ପୁଣି ଏପରି ବିପଦ ଆସିଲେ ଯେପରି ଏତେ ଜୀବନ ନୀରବ ହୋଇନଯାଏ। କାରଣ ଏକ ରାଷ୍ଟ୍ରର ମହତ୍ୱ ତାହାର ଉଚ୍ଚ ଅଟ୍ଟାଳିକାରେ ନୁହେଁ, ବିପଦରେ ପଡିଥିବା ଜଣେ ଅସହାୟ ମଣିଷର ହାତ ଧରିବାର କ୍ଷମତାରେ। ଆଜି ନେପାଳ କାନ୍ଦୁଛି। ସେହି କାନ୍ଦଣି ହୁଏତ ଅମା କାନରେ ଶୁଣାଯାଉନାହିଁ। କିନ୍ତୁ ଭାଙ୍ଗିଥିବା ଘରର ନୀରବତାରେ, ନିଖୋଜ ମଣିଷଙ୍କୁ ଖୋଜୁଥିବା ଆଖିରେ, ଆଶ୍ରୟହୀନ ଶିଶୁର ଭୟରେ ଏହା ଲେଖା ଅଛି। ବନ୍ୟାର ପାଣି ଚାଲିଯିବ। କିନ୍ତୁ ଜଣେ ମାଆର ଅପେକ୍ଷା ଚାଲିବ। ଜଣେ ବାପାର ଶୁନ୍ୟ ଘର ରହିବ। ଜଣେ ଶିଶୁର ପ୍ରଶ୍ନ ରହିବ–'ମୋ ବାପା କେବେ ଫେରିବେ ?" ଏହି ପ୍ରଶ୍ନର ଉତର ଆମ ପାଖରେ ନାହିଁ। ଆଉ ଏହି ନିରୁତରତା ହିଁ ନେପାଳର ବନ୍ୟାର ସବୁଠାରୁ ବଡ ଦୁଃଖ। ନେପାଳ ପାଇଁ ଆଜି ଆମ ଆଖିରେ ଲୁହ ଥାଉ–କିନ୍ତୁ ଆସନ୍ତାକାଲି ସେହି ଲୁହ ଦାୟିତ୍ୱରେ ପରିଣତ ହେଉ। କାରଣ ମୃତମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି କେବଳ ଶୋକ ନୁହେଁ ସେମାନଙ୍କ ପରେ ଆସୁଥିବା ଜୀବନଗୁଡିକୁ ବଂଚାଇବାର ସଂକଳ୍ପ।

# ପାଟଣା ବ୍ଲକରେ ପ୍ରସ୍ତାବିତ ଜେଏସ୍‌ଡବ୍ଲୁ / ପୋସ୍କୋର ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ବିରୁଦ୍ଧରେ ୭ ଦିନ ପଦଯାତ୍ରା କରିବ ଯୁବ କଂଗ୍ରେସ



ଭୁବନେଶ୍ୱର : ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ପାଟଣା ବ୍ଲକର ପ୍ରସ୍ତାବିତ ଜେଏସ୍‌ଡବ୍ଲୁ ପୋସ୍କୋ–ଷ୍ଟିଲ ପ୍ଲାଣ୍ଟସ୍ଥାପନ ଅଂଚଳ ପରିଦର୍ଶନ କରିଥିଲେ। ସେଠାରେ ସେ ଯମୁନାପଶି ଓ ଚେମନା ପଞ୍ଚାୟତର ୧୨ଟି ଗ୍ରାମର ଆଦିବାସୀ, ଦଳିତ ଓ ଓବିସି ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି କମ୍ପାନୀ ସ୍ଥାପନ ଦ୍ୱାରା ପାଖାପାଖି ୧୫ ହଜାର ଲୋକେ ପ୍ରଭାବିତ ହେବେ ବୋଲି ଜଣାପଡିଛି। ଶ୍ରୀ ପାତ୍ର କହିଛନ୍ତି ଯେ କେନ୍ଦୁଝରର ଅଧିବାସୀମାନେ ଭାବିଥିଲେ ଯେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ହୋଇଥିବାରୁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟାକୁ ପ୍ରଥମେ ପ୍ରାଧାନ୍ୟ ଦେବେ। ମାତ୍ର ମୁଖ୍ୟମନ୍ତ୍ରୀ କମ୍ପାନୀର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଯମୁନାପଶି ଓ ଚେମନାର ଅଧିବାସୀ ସ୍ୱାର୍ଥକୁ ପଦାଘାତ କରିଛନ୍ତି।

ଏହି କମିଟି ଦୁଇଟି ପଞ୍ଚାୟତର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ କମ୍ପାନୀ ପ୍ରତିଷ୍ଠା ହେଲେ ସେ ଅଂଚଳରେ କଣ ସମସ୍ୟା ସୃଷ୍ଟି ହେବ ସେ ବିଷୟରେ କମିଟିକୁ ବୁଝାଇଥିଲେ। ଏଠିକାର ଅଧିବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ନ ଦେଲେ ଯୁବ କଂଗ୍ରେସ ଏହି ଅଧିବାସୀମାନଙ୍କର ସ୍ୱର ହେବ। ସରକାରଙ୍କୁ ଏଥିପାଇଁ ୧୫ ଦିନ ସମୟ ଦିଆଯାଇଛି। ଯଦି ସରକାର ଏଠିକାର ସ୍ଥାନୀୟ ଅଧିବାସୀମାନଙ୍କ ସହିତ ଆଲୋଚନା ନ କରନ୍ତି ତେବେ ଯୁବ କଂଗ୍ରେସ ଏଠିକାର ସମସ୍ତ ଗ୍ରାମରେ ୭ ଦିନ ପଦଯାତ୍ରା କରିବା ପାଇଁ ସ୍ଥିର କରିଛି।

ଏଠିକାର ଅଧିବାସୀମାନଙ୍କର ଦାବୀ : ସେଠାରେ କମ୍ପାନୀ ପ୍ରତିଷ୍ଠାକୁ ସଂପୂର୍ଣ୍ଣ ବିରୋଧ। " ଜୀବନ ଦେବୁ ହେଲେ ମା' ମାଟିକୁ ଛାଡିବୁ ନାହିଁ।" ଶିଳ୍ପାୟନ ନାମରେ ମୋହନ ସରକାର ଆଦିବାସୀ ଓ ବନବାସୀ ମାନଙ୍କର ସର୍ବସ୍ୱାନ୍ତ କରିବାକୁ ଚକ୍ରାନ୍ତ କରିଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଦିବାସୀ ଅଧ୍ୟୁଷିତ

ଅଂଚଳରେ ବିକାଶ ତ ହେଉନାହିଁ କି ସେମାନଙ୍କର ସମସ୍ୟାର ସମାଧାନ ହେଉନାହିଁ, ମାତ୍ର ସେ ଅଂଚଳରେ ଦୃତ ଖଣି ଖନନ ଓ ଶିଳ୍ପାୟନ କରି ସେମାନଙ୍କର ଜୀବିକା, ପୈତୃକ ସମ୍ପତ୍ତି ବାସସ୍ଥାନ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଛଡାଇ ନିଆଯାଉଛି। ସେମାନଙ୍କୁ ଅମାନୁଷିକ ଆକ୍ରମଣ କରି ଲହୁଲୁହାଣ କରାଯାଉଛି, ହତ୍ୟା କରାଯାଉଛି ଓ ସେମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ଜୋଡି ଦିଆଯାଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ଏବଂ ଓଡ଼ିଶାର ଆଦିବାସୀ ମହିଳା ଭାରତର ରାଷ୍ଟ୍ରପତି ହୋଇଥିଲେ ବି ଓଡ଼ିଶାର ଆଦିବାସୀ ଓ ବନବାସୀ ସବୁଠାରୁ ଲୁଣ୍ଠିତ ଓ ଅତ୍ୟାଚାରିତ।

ଆମେ ଏଠି କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକରେ କିପରି ଆଦିବାସୀ ଓ ବନବାସୀଙ୍କୁ ଶିଳ୍ପାୟନ ନାମରେ ଅତ୍ୟାଚାର କରାଯାଉଛି ତା'ର ଚିତ୍ର ପ୍ରଦାନ କରୁଛୁ। ପୂର୍ବ ସରକାରରେ ପାଟଣା ବ୍ଲକରେ ମିତଲ ଷ୍ଟିଲପ୍ଲାଣ୍ଟ; ସ୍ଥାପନ ହେବା ପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ସତ୍ତ୍ୱେ ପାଟଣା ଓ କେନ୍ଦୁଝର ଜିଲ୍ଲାର ଲୋକଙ୍କ ଦୃଢ଼ ପ୍ରତିବାଦ ଯୋଗୁଁ ମିତଲ ୨୦୧୩ ମସିହାରେ ତା'ର ନିଷ୍ପତ୍ତିରୁ ଓହରି ଯାଇଥିଲା।

ମାତ୍ର ଏବେ ମୋହନ ସରକାର ପାଟଣା ବ୍ଲକର ଯମୁନାପସି ଓ ଚେମଣା ପଞ୍ଚାୟତର ୧୪୬୫ ଏକର ୯୨ ଡିସିମିଲ ଜାଗା ନେଇ ଜେଏସଡବ୍ଲୁ / ପୋସ୍କୋର ଷ୍ଟିଲପ୍ଲାଣ୍ଟ; ସ୍ଥାପନ କରିବା ପାଇଁ ଯୋଜନା କରିଛି। ଏବେ ଶୁଣିବାକୁ ମିଳୁଛି ସେହି ଅଂଚଳର ୯୯ ଏକର ଜମି ସରକାର ଆମ ଅଜଣାତରେ କାଗଜପତ୍ରରେ କମ୍ପାନୀକୁ ଦେଇ ସାରିଲେଣି। ଯେଉଁ ଦୁଇଟି ପଞ୍ଚାୟତକୁ ନେଇ ଏହି କମ୍ପାନୀ ପ୍ରତିଷ୍ଠା ହେବ ସେଠାରେ ପାଖାପାଖି ୧୫ ହଜାର ଅଧିବାସୀ ପ୍ରଭାବିତ ହେବେ। ଯମୁନାପସିର ଯମୁନାପସି, କୋଡଖମଣ, ଗୋଡି ପୋଖରୀ, ବରୁନିପସି ଏବଂ ଚେମନା ପଞ୍ଚାୟତର ଅଙ୍ଗିକଳା, ଚିଲିଦା, ରେଙ୍ଗାଳବେଡା, ଚେମଣା, ବାରଡାଙ୍ଗୁଆ, ଧର୍ନୁଞ୍ଜୟପୁର, ଭୃଙ୍ଗରାଜପସି, ବଳିଆପସି ପ୍ରଭୃତି ୧୨ଟି ଗ୍ରାମ ଏହି କମ୍ପାନୀ ହେଲେ ମରୁଭୂମିରେ ପରିଣତ ହେବ। ଏହି କମ୍ପାନୀ ପ୍ରତିଷ୍ଠା ହେଲେ ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ଜଙ୍ଗଲ, ଝରଣା, ଶ୍ମଶାନ, ଗୋଚର, ଖେଳପଡିଆ, ମନ୍ଦିର ଓ ଗ୍ରାମ୍ୟ ଠାକୁରାଣୀ ପ୍ରଭୃତି ଧ୍ୱଂସ ହୋଇଯିବ। ବିଶେଷ କରି ଏଠିକାର ସୁନ୍ଦର ପରିବେଶ, ଉର୍ବର ଚାଷଜମି, ଘରବାଡି ଓ ଲୋକଙ୍କର ଜୀବିକା, ପରମ୍ପରା ଓ ସ୍ୱାଭିମାନ, ଧର୍ମୀୟ ଅନୁଷ୍ଠାନ ଓ ଭାବନ ସବୁକିଛି କମ୍ପାନୀ ଛଡେଇ ନେବ ଏବଂ ଧ୍ୱଂସ କରିଦେବ। ଏହି ୧୨ଟି ଗ୍ରାମରେ ୭୦ ପ୍ରତିଶତ ଲୋକ ଆଦିବାସୀ ଏବଂ ଏଠାରେ ଗଣ୍ଡ, ବାଥୁଡି, କୋହ୍ଲ, ଭୂୟାଁ ଓ ସାଉଁଟି ସମ୍ପ୍ରଦାୟର ଲୋକ ରହୁଛନ୍ତି। ବାକି ଲୋକମାନେ ପଛୁଆବର୍ଗର ଅଟନ୍ତି। ମୋହନ ସରକାର କମ୍ପାନୀ ପ୍ରେମରେ ସେଠିକାର ଆଦିବାସୀଙ୍କ ତଣ୍ଟରେ ଖୋଜ ପକାଇବା ପାଇଁ ଚକ୍ରାନ୍ତ କରିଛନ୍ତି। ଏଠିକାର ଅଧିବାସୀମାନେ କମ୍ପାନୀ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରୁଥିବାରୁ ବିନା କାରଣରେ ପୁଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ଯୋଡିବା ସହ ଆନ୍ଦୋଳନକାରୀଙ୍କ ଉପରେ ନିର୍ମମ ଲାଠି ଚାର୍ଜ କରିଛି। କିଛି ଆନ୍ଦୋଳନକାରୀ ମଧ୍ୟ ଜେଲ ଦଣ୍ଡ ଭୋଗିଛନ୍ତି। କମ୍ପାନୀ ପ୍ରତିଷ୍ଠା ପାଇଁ ଯେଉଁ ବିଧିବ୍ୟବସ୍ଥା ରହିଛି ତଦନୁଯାୟୀ ପ୍ରଥମେ ଗ୍ରାମସଭା କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨ଟି ଗ୍ରାମକୁ ଛାଡିଦେଲେ ଅନ୍ୟ ୧୦ଟି ଗ୍ରାମରେ ଗ୍ରାମସଭା ହୋଇସାରିଛି। ବହୁ ଗ୍ରାମବାସୀଙ୍କର ବିରୋଧ ସତ୍ତ୍ୱେ ବାହାରୁ ଲୋକ ଆଣି ପୁଲିସ ଛାଉଣି କରି ଗ୍ରାମସଭାରେ ବସାଇ ଗ୍ରାମସଭାକୁ ସଫଳ କରାଯାଇଛି ବୋଲି ପ୍ରଶାସନ ମିଥ୍ୟା ପ୍ରଚାର କରୁଛନ୍ତି। ଗୋଟିଏ ଗାଁରେ ଲୋକ ସଂଖ୍ୟା ୧ ହଜାର ଥିବାବେଳେ ଗ୍ରାମସଭାରେ ୨ହଜାରେ ଲୋକ କିପରି ଉପସ୍ଥିତ ରହିଲେ ଏବଂ ଗ୍ରାମସଭା ବହାରେ ଆହୁରି ୨ ହଜାର କିପରି ଜମା ହେଲେ ? ତେଣୁ ସଂପୂର୍ଣ୍ଣଭାବେ ବାହାର ଲୋକ ଅଣାଯାଇ ଜାଲିଆତି କରି ଗ୍ରାମସଭା ସଫଳ ହୋଇଛି ବୋଲିଘୋଷଣା କରୁଛନ୍ତି।

ପୂର୍ବରୁ ଗ୍ରାମବାସୀମାନେ ସରପଞ୍ଚ, ତହସିଲଦାର, ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କମ୍ପାନୀ ପ୍ରତିଷ୍ଠା ନ କରିବା ପାଇଁ ଅଭିଯୋଗ ପତ୍ର ଦାଖଲ କରିଥିଲେ। ପଞ୍ଚାୟତରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ସବୁଠାରେ ଏହି ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ବେଳେ ଆଦିବାସୀମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି। ଗ୍ରାମସଭା ସରିଲାଣି କିନ୍ତୁ ସରକାର କମ୍ପାନୀ ସହ କଣ ଏମଓୟୁ ହୋଇଛି ତାହାକୁ ସାର୍ବଜନୀନ କରିନାହାନ୍ତି। ଏହି କମିଟିରେ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ, ବଟକୃଷ୍ଣ ରାଉତରାୟ, ସୁନେସ ଧିର, ବିନୋଦ ନାୟକ ଓ ସନ୍ଦିପ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଏମ୍ ଏମ୍ ଡି ଆର ବିଲ୍–୨୦୨୬ ପ୍ରତ୍ୟାହାର ଦାବିରେ ଐକ୍ୟବଦ୍ଧ ହେଲେ ବିରୋଧୀ ଦଳ



ଭୁବନେଶ୍ୱର : କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକ୍‌ର ବିଭିନ୍ନ ଦଳ—କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍ ?ସିପି ଓ ଏସ ପି ର ରାଜ୍ୟ ନେତୃବୃନ୍ଦ ଏକତ୍ରିତ ହୋଇ ରାଜ୍ୟର ସାମ୍ପ୍ରତିକ ଜନସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚ଼ନା କରିଛନ୍ତି ।

ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍ ଏମ୍ ଡି ଆର୍ ବିଲ୍–୨୦୨୬କୁ ତୀବ୍ର ବିରୋଧ ବିରୋଧ କରି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବିଲ୍ ?ଟି ଆଇନରେ ପରିଣତ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି।

ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅବସ୍ଥାକୁ ସମ୍ମୁଖୀନ ହେବେ, କର୍ପୋରେଟ ଲୁଣ୍ଠନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ବିଜେପିର ସାଂସଦମାନେ ସଂସଦରେ ଏହି ବିଲ୍ କୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି ବୋଲି କୁହାଯାଇଛି। ବିଲ୍‌କୁ ରାଷ୍ଟ୍ରପତି ମହୋଦୟା ସମ୍ମତି ନ ଦେବା ପାଇଁ ମାନନୀୟା ରାଷ୍ଟ୍ରପତିଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯିବ।

ପ୍ରାଥମିକ ଶିକ୍ଷାର ପାଠ୍ୟପୁସ୍ତକରେ ଘଟିଥିବା ଗୁରୁତର ଓ ଅକ୍ଷମଣୀୟ ତ୍ରୁଟି ପାଇଁ ବୈଠକରେ ଦାୟିତ୍ୱ ନିର୍ଦ୍ଧାରଣ ଓ ତୁରନ୍ତ ସଂଶୋଧନ ଦାବି କରାଯାଇଛି। ଏହି ଘଟଣା ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ଶିକ୍ଷକ ମାନଙ୍କ ଦାବିକୁ ସମର୍ଥନ କରି କୁହାଯାଇଛି, ସେମାନେ ଶହଶହ ସଂଖ୍ୟାରେ ବର୍ଷାରେ ଭିଜି ଭିଜି ଧାରଣା ଦେଉଥିବା ବେଳେ ସରକାର ନିଦାବିଷ୍ଣୁ ସାଜିବାକୁ ନିନ୍ଦା କରାଯାଇଛି।ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସରକାର ଘୋଷଣା କରିଥିବା ରିଲିଫ୍ ପ୍ୟାକେଜ୍ ?କୁ ଦଳମାନେ ସମୁଦ୍ରକୁ ଶଙ୍ଖ ପାଣି ବୋଲି କହିଛନ୍ତି। ପ୍ରତି ଏକର ଚ଼ାଷରେ କ୍ଷତି ସର୍ବନିମ୍ନ ୨୫, ୦୦୦ଟଙ୍କା ରୁ ଅଧିକ ହୋଇଥିବାବେଳେ ସରକାର ଏକର ପିଛା ୧,୦୦୦ରୁ କମ୍ ସହାୟତା ଘୋଷଣା କରିବା ବିପନ୍ନ ଚ଼ାଷୀଙ୍କ କ୍ଷତ ଉପରେ ଆଘାତ ସଦୃଶ ଏବଂ ନିର୍ମମ ଉପହାସ ବୋଲି ଦଳମାନେ କହିଛନ୍ତି। ପ୍ରକୃତ କ୍ଷୟକ୍ଷତିର ଆକଳନ କରି ଚ଼ାଷୀ ଓ ବନ୍ୟା ବିପନ୍ନଙ୍କୁ ଯଥୋଚ଼ିତ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।

ବୈଠକରେ ଓଡ଼ିଶାରେ ବିଜେପି ସରକାରର ଜନବିରୋଧୀ ଶାସନ, ବେକାରୀ, ମୂଲ୍ୟବୃଦ୍ଧି, କୃଷକ ଓ ଶ୍ରମିକଙ୍କ ସମସ୍ୟା, ଶିକ୍ଷା–ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷାର ଅବ୍ୟବସ୍ଥା ସମେତ ବିଭିନ୍ନ ଜନସମସ୍ୟା ଉପରେ ଆଲୋଚ଼ନା ହୋଇଛି। ଏହି ସମସ୍ୟାଗୁଡ଼ିକୁ ନେଇ ଓଡ଼ିଶାବ୍ୟାପୀ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଦଳମାନେ ସଂକଳ୍ପ ନେଇଛନ୍ତି।୨୦ ଅଗଷ୍ଟ ପରେ ବିଭିନ୍ନ ଇଣ୍ଡିଆ ବ୍ଲକ୍ର ଦଳମାନେ ପୁନର୍ବାର ଆଲୋଚ଼ନା କରି ମିଳିତ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବେ। ଲୋକଙ୍କ ମୁଖ୍ୟ ସମସ୍ୟାକୁ କେନ୍ଦ୍ର କରି ଧାରାବାହିକ ପ୍ରଚ଼ାର ଓ ଆନ୍ଦୋଳନ କରାଯିବ। ଲୋକଙ୍କ ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ସମସ୍ତ ବିଜେପିର ନିତୀ ବିରୋଧରେ ଥିବା ସମସ୍ତ ବିରୋଧୀ ଦଳ, ଗଣତାନ୍ତ୍ରିକ ଶକ୍ତି, ସାମାଜିକ ସଂଗଠନ, କୃଷକ, ଶ୍ରମିକ, ଯୁବ, ଛାତ୍ର ଓ ମହିଳାମାନେ ଏକତ୍ରିତ ହୋଇ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ କରାଯାଇଛି।

ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚ଼ରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍ ?ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ଅନ୍ତସାର ଶୂନ୍ୟ: ବିଜେଡି

ଭୁବନେଶ୍ୱର :ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀଙ୍କ ଗତକାଲିର ବନ୍ୟାଞ୍ଚଳ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍, ନିଜ ପ୍ରଚ଼ାର ପାଇଁ ବେଶୀ ବୋଲି ବିଜୁ ଜନତା ଦଳ କହିଛି । ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବାରେ ଓ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କ୍ଷେତ୍ରରେ ବିଫଳ ହେବା ପରେ କେବଳ ନିଜ ପ୍ରଚ଼ାର ଲକ୍ଷ୍ୟରେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ବନ୍ୟା ପ୍ରଭାବିତ ଲୋକଙ୍କ କଟା ଘାରେ ଚୂନ ସଦୃଶ୍ୟ ହୋଇଛି ବୋଲି ବିଜେଡି କହିଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ, ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ, ରାଜନୀତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ । ଯେତେବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ୟା ଜଳ ପଶିଯିବାରୁ ଲୋକେ ହନ୍ତସନ୍ତ ହେଉଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଭୋଜିଭାତରେ ମାତିଥିଲେ ।

## ସ୍ଥାନୀୟ ଆପାତକାଳୀନ ବୈଠକ

# ରାସାୟନିକ ଜନିତ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱାରୋପ




ଭୁବନେଶ୍ୱର : କଳକାରଖାନା ଗୁଡିକରେ ବିଭିନ୍ନ ରାସାୟନିକ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ସଂପୃକ୍ତ କର୍ମଚ଼ାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅନେକ ସମୟରେ ଧନଜୀବନ କ୍ଷତିକୁ ରୋକାଯାଇପାରିବ । ଏ ସଂପର୍କରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ସ୍ଥାନୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି ।

କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି ବୈଠକରେ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ଅନିତା ବେହେରା ରସାୟନଜନିତ ଦୁର୍ଘଟଣା ଓ ଏହାର ନିରାକରଣ ଉପରେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଭୁବନେଶ୍ୱରର ମଞ୍ଚ ?ଶ୍ୱର, ଭଗବାନପୁର, ଆଇଗିଣିଆ ଓ ଚ଼ନ୍ଦକା ଭଳି ଶିଳ୍ପାଞ୍ଚଳରେ ଅନେକ କଳକାରଖାନା ଥିବାରୁ ଏ ସଂପର୍କରେ ସଂପୃକ୍ତ ସଂସ୍ଥାଗୁଡିକ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । କଳକାରଖାନାଜନିତ ଦୁର୍ଘଟଣା କେବଳ ସେହି ସଂସ୍ଥାର କ୍ଷତି କରି ନଥାଏ, ବରଂ ପରିବେଶ ପ୍ରଦୂଷଣ ସହିତ ନିକଟସ୍ଥ ଜନବସତିରେ ବ୍ୟାପକ ଧନଜୀବନ ହାନି କରିଥାଏ । ଏଥି ନିମନ୍ତେ ବିଭିନ୍ନ ସଂସ୍ଥା ନିରନ୍ତର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ସହ ଶିଳ୍ପ ସଂସ୍ଥା ପାଇଁ ଜାରି ଉପଯୁକ୍ତ ସୁରକ୍ଷା ମାନକ ପାଳନ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କର୍ମଚ଼ାରୀମାନଙ୍କ ମଧ୍ୟରେ ମକ୍‌ଡ୍ରିଲ ଆୟୋଜନ କରି ସମ୍ଭାବ୍ୟ ବିପଦ ପ୍ରତି ସତର୍କ ରହିବାର ପ୍ରଣାଳି ବାବଦରେ ସେମାନଙ୍କୁ ସଚେତନ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ଉପଜିଲ୍ଲାପାଳ ଡ. ସାହୁ କହିଲେ ଯେ ସରକାରୀ କ୍ଷେତ୍ରରେ ସଡକ ନିର୍ମାଣ, ଡ୍ରେନେଜ୍ ? ସଫେଇ ଭଳି କାର୍ଯ୍ୟରେ ବ୍ୟବହୃତ ରାସାୟନିକ ସାମଗ୍ରୀ ପ୍ରୟୋଗବେଳେ କର୍ମଚ଼ାରୀମାନେ ସତର୍କତା ଅବଲମ୍ବନ କରିବା ଉଚ଼ିତ ।

# ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର : ରାଜ୍ୟ ଏନଏସ୍ଏସ୍ ଶାଖା, ଉଚ୍ଚଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ଏନଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ଭବନରେ ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନଏସ୍ଏସ୍ ? ସ୍ୱେଚ୍ଛାସେବୀ, ଜିଲ୍ଲା ନୋଡାଲ ଅଧିକାରୀ ଓ ପ୍ରୋଗ୍ରାମ୍ ଅଫିସରମାନେ ସାମିଲ ହୋଇଥିଲେ ।

ଆଜିର କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦର୍ସ୍ୱାଲ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ବେହେରା, ଏନଏସ୍ ?ଏସ୍ ? ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର କୁଶୱାହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ରାଜ୍ୟର ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଅଧ୍ୟୟନରତ ପିଲାମାନଙ୍କର ପୋଷଣ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରିବା ଏବଂ ଏକ ସୁପୋଷିତ ଓଡ଼ିଶା ଗଠନରେ ଏନଏସ୍ ?ଏସ୍ ? ସ୍ବେଚ୍ଛାସେବୀମାନେ ନିଜର ଯୋଗଦାନ ଦେବେ । ଏହି ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିବା ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ ସ୍ବେଚ୍ଛାସେବୀମାନଙ୍କ ପାଇଁ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଶ୍ରୀମତୀ ଦର୍ସ୍ୱାଲ ମତପ୍ରକାଶ କରିଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦୦୦ ମହିଳା ଏନଏସ୍ଏସ୍ ? ସ୍ବେଚ୍ଛାସେବୀ ରାଜ୍ୟର ୨୩,୦୦୦ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ପୋଷାଣ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ । ସୁପୋଷିତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ସମସ୍ତ ସ୍ବେଚ୍ଛାସେବୀମାନଙ୍କୁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏକ ସୁସ୍ଥ ଓ ସୁପୋଷିତ ଓଡ଼ିଶା ଗଠନରେ ଏନଏସଏସ୍ ସ୍ୱେଚ୍ଛାସେବୀମାନେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବେ ବୋଲି ଶ୍ରୀ ଅଗ୍ରୱାଲ ମତପ୍ରକାଶ କରିଛନ୍ତି ।

# ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମୂହିକ ଶପଥ ପାଠ

ଭୁବନେଶ୍ୱର : ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଉପ ନିର୍ଦ୍ଦେଶକ ଶ୍ରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ସାମିଲ୍ ହୋଇ ଶପଥ ପାଠ କରିଥିଲେ ।

ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଶପଥ ପାଠରେ ସାମିଲ ହୋଇ ନିଜେ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ସହ ପରିବାର, ବନ୍ଧୁବର୍ଗ ଏବଂ ସମାଜର ଅନ୍ୟମାନଙ୍କୁ ମଧ୍ୟ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବାକୁ ଶପଥ ନେଇଥିଲେ । ଆଜି ସାରା ରାଜ୍ୟରେ ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ରାଜ୍ୟର ଅତିକମରେ ୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।



## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ

# ରାଜ୍ୟ ପୋଲିସ ମୁଖ୍ୟାଳୟ ସମେତ ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଶପଥ ପାଠ




କଟକ :ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ସମେତ ରାଜ୍ୟର ୩୫ଟି ପୋଲିସ ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ନିଶାଦ୍ରବ୍ୟର କୁପ୍ରଭାବରୁ ନିଜକୁ, ପରିବାରକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ । ନିଜେ ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ସହ ବନ୍ଧୁବର୍ଗ, ପରିବାର ସଦସ୍ୟ ଓ ସମାଜର ଅନ୍ୟମାନଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ଓଡ଼ିଶାକୁ ନିଶାମୁକ୍ତ କରିବା ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ ।

ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ଅଭିଯାନ ମାଧ୍ୟମରେ ସାରା ରାଜ୍ୟରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି । ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି ।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଶ୍ରୀ ପ୍ରବୀଣ କୁମାର, ଆଇଜିପି (କେନ୍ଦ୍ରାଞ୍ଚଳ) ଶ୍ରୀ ସତ୍ୟଜିତ ନାୟକ, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଶ୍ରୀ ଯୁଗଳ କିଶୋର ବୋନଥଙ୍କ ସମେତ ପୋଲିସ ମୁଖ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୂହିକ ଭାବେ ନିଶାମୁକ୍ତି ଶପଥ ଗ୍ରହଣ କରିଥିଲେ ।

# ତିନି ପ୍ରମୁଖ ସଂସ୍ଥା ସହ ବାଲ୍ମିର ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର : ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତ୍ତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲ୍ମି)କୁ ଏକ ଆଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଏହି ଉଦ୍ଦେଶ୍ୟରେ ବାଲ୍ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲୁଏ), ପୁଣେ, ଆଇସିଏଆର୍–ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର୍-ଆଇଆଇଡବ୍ଲୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ୍)ଙ୍କ ସହ ୩ଟି ବୁଝାମଣାପତ୍ର (ଗକ୍ଟ) ସ୍ୱାକ୍ଷରିତ ହୋଇଛି । ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ ।

**NWA, ସହ MoU:**

ଜାତୀୟ ଜଳ ଏକାଡେମୀ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ୱସୀମ ଅଶରଫ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗର ନ୍ୟାସନାଲ ୱାଟର ଏକାଡେମୀ (ଏନ୍‌ଡବ୍ଲ୍ୟୁଏ), ପୁଣେ ସହ ଏହି ସହଯୋଗ ମାଧ୍ୟମରେ ଯୁଗ୍ମ ଓ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ ଏବଂ ଜଳ ସମ୍ପଦ ପରିଚାଳନାରେ ସମକାଳୀନ ପଦ୍ଧତି ସମ୍ପର୍କରେ ଅଭିଜ୍ଞତା ହାସଲ ଉପରେ ଗୁରୁତ୍ୱ ଦିଆଯିବ । ଏହା ମାଧ୍ୟମରେ ବାଲ୍ମି ଏନ୍‌ଡବ୍ଲ୍ୟୁଏର ଜାତୀୟସ୍ତରୀୟ ବିଶେଷଜ୍ଞତା, ବିଶେଷ ପ୍ରଶିକ୍ଷଣ ସମ୍ବଳ ଓ ଶ୍ରେଷ୍ଠ ଅଭ୍ୟାସ ସମ୍ପର୍କିତ ଅଭିଜ୍ଞତାର ଲାଭ ଉଠାଇପାରିବ ।

**ICAR-IIWM, ସହ MoU:**

ଆଇସିଏଆର୍–ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଭାବେ ଡ. ଏ. ସାରଙ୍ଗୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ସହଯୋଗ ମାଧ୍ୟମରେ ଗବେଷଣା, ପ୍ରଯୁକ୍ତି ଓ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ । କୃଷି ଜଳ ପରିଚାଳନା, ଜଳ ବ୍ୟବହାର ଦକ୍ଷତା ଓ ଜଳବାୟୁ-ସହନଶୀଳ ସେଚନ ବ୍ୟବସ୍ଥା ସମ୍ପର୍କିତ ଆଇସିଏଆର୍–ଆଇଆଇଡବ୍ଲ୍ୟୁଏମ୍‌ର ବିଶେଷଜ୍ଞତା ଓ ନବୀନ ପ୍ରଯୁକ୍ତିରୁ ବାଲ୍ମି ଲାଭାନ୍ୱିତ ହେବ । ଏଥିରେ ଆଇଓଟି ଓ ସେନ୍ସର୍ ଆଧାରିତ ଜଳ ପରିଚାଳନା, ସଠିକ୍ ସେଚନ ବ୍ୟବସ୍ଥା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

**OCCL ସହ MoU:**

ଏହି ସହଯୋଗ ମାଧ୍ୟମରେ ବାଲ୍ମିକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପାଇଁ ଏହାର ଭୌତିକ ଭିତ୍ତିଭୂମିର ଉନ୍ନତି ଓ ସୁଦୃଢ଼ୀକରଣ କରାଯିବ । ଏଥିରେ ପ୍ରଶିକ୍ଷଣ ଓ ଏକାଡେମିକ୍ ସୁବିଧା, ହଷ୍ଟେଲ୍, ଅଡିଟୋରିୟମ୍, ସମ୍ମିଳନୀ କକ୍ଷ ଓ ପାଠାଗାରର ଆଧୁନିକୀକରଣ, ଅଡିଓ-ଭିଜୁଆଲ୍ ସୁବିଧା ସମ୍ପନ୍ନ ଶ୍ରେଣୀଗୃହ, ସମଗ୍ର କ୍ୟାମ୍ପସ୍‌ରେ ୱାଇ-ଫାଇ ସଂଯୋଗ ଏବଂ ନୂତନ ୧୦୦-ସିଟ୍ ବିଶିଷ୍ଟ ହଷ୍ଟେଲ୍ ନିର୍ମାଣ ଅନ୍ତର୍ଭୁକ୍ତ ।

# ଏମଏମଡିଆର ସଂଶୋଧନ ବିଲ ରାଜ୍ୟର ସ୍ୱାର୍ଥ ବିରୋଧି: ବିଜେଡି



ଭୁବନେଶ୍ୱର :ଏମଏମଡିଆର ସଂଶୋଧନ ଆକ୍ଟକୁ ନେଇ ବିଜେପି ଉପରେ ବର୍ଷିଛି ବିଜୁ ଜନତା ଦଳ । ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡିଶା ପାଇଁ କଳା ଦିବସ ଥିଲା କାରଣ ଏହି ବିଲ୍ ମାଧ୍ୟମରେ ଓଡିଶା ଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡାଇ ନିଆଯାଇଛି ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ।

ଗୌତମବୁଦ୍ଧ ଦାସ କହିଥିଲେ, ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାର୍ଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ । ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ । ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ । ଏହି ସାଂସଦ ମାନଙ୍କ ପାଇଁ ମାଟି ବଡ଼ ନୁହେଁ ବରଂ ପାର୍ଟି ବଡ଼ । ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇ ଦେବା ପାଇଁ ବିଜେପି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଏମଏମଡିଆର ମାଧ୍ୟମରେ ଏକ ଷଡଯନ୍ତ୍ର ରଚାଯାଇଥିଲା । ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି । ଏହି ଆକ୍ଟ ପାରିତ ହେବା ଯୋଗୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଉଦ୍ଧର୍ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି । ଏହାଛଡା, ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡିଶା ହରାଇବ । ଦୁର୍ଭାଗ୍ୟର କଥା, ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି । ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି ।

# ଯାଜପୁରରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍‌ର ଆଞ୍ଚଳିକ ପରାମର୍ଶ ବୈଠକ ଅନୁଷ୍ଠିତ

ଯାଜପୁର :ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (OSCPCR) ଏବଂ ୟୁନିସେଫ୍ (UNICEF), ଓଡ଼ିଶାର ଯୌଥ ଆନୁକୂଲ୍ୟରେ 'ଓଡ଼ିଶାରେ ପରିବାରଭିତ୍ତିକ ଯତ୍ନ ଏବଂ ଶିଶୁମାନଙ୍କ ପରିବାରଠାରୁ ବିଚ୍ଛିନ୍ନତା ନିବାରଣ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସ୍ତରୀୟ ପରାମର୍ଶ ବୈଠକ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ସହ ସେମାନଙ୍କୁ ଆଶ୍ରମ କିମ୍ବା ଅନୁଷ୍ଠାନ ଅପେକ୍ଷା ନିଜ ପରିବାର ଓ ସାମାଜିକ ପରିବେଶ ମଧ୍ୟରେ ସୁରକ୍ଷିତ ଭାବେ ବଢ଼ିବାର ସୁଯୋଗ ସୃଷ୍ଟି କରିବା ।



ଏହି ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରୋ , ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA)ର ସଚିବ ଲିପି ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଯୁଧିଷ୍ଠିର ନାଏକ ଏବଂ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଉକ୍ତ ବୈଠକରେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଲେ ଶିଶୁର ସର୍ବାଙ୍ଗୀନ ବିକାଶ ଓ ମାନସିକ ସୁରକ୍ଷା ପାଇଁ ଗୋଟିଏ ପରିବାରର ସ୍ନେହ ଓ ଶ୍ରଦ୍ଧା ଅପରିହାର୍ଯ୍ୟ । କୌଣସି ଅନାଥ ଆଶ୍ରମ କିମ୍ବା ଅନୁଷ୍ଠାନ ଗୋଟିଏ ପରିବାରର ବିକଳ୍ପ ହୋଇପାରିବ ନାହିଁ । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି କୌଣସି ବି ଶିଶୁ ଯେପରି ଗରିବୀ, ଆର୍ଥିକ ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁଁ ନିଜ ପରିବାରଠାରୁ ବିଚ୍ଛିନ୍ନ ନ ହୁଅନ୍ତି । ଫୋଷ୍ଟର କେୟାର (Foster Care) ଏବଂ ପୃଷ୍ଠପୋଷାକତା ସହାୟତା (Sponsorship) ମାଧ୍ୟମରେ ପ୍ରତ୍ୟେକ ବିପନ୍ନ ଶିଶୁଙ୍କୁ ପରିବାର ପରିବେଶ ମଧ୍ୟରେ ବଢ଼ିବାର ସୁଯୋଗ ଯୋଗାଇ ଦିଆଯିବ ।

ଉକ୍ତ ବୈଠକରେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ କହିଲେ

'ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବାକୁ ହେବ । ଗ୍ରାମାଞ୍ଚଳରେ ଥିବା ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ସକ୍ରିୟ କରାଯିବା ସହ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ବାଲ୍ୟବିବାହ ଭଳି କୁପ୍ରଥା ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ।ପରିବାର ହେଉଛି ଶିଶୁ ସୁରକ୍ଷା ଓ ବିକାଶ ର ମୁଖ୍ୟ କେନ୍ଦ୍ରବିନ୍ଦୁ' ଚାବିକାଠି..୪ଟି ଜିଲ୍ଲାର କର୍ମକର୍ତ୍ତାମାନେ ସମନ୍ୱୟ ରଖି କାର୍ଯ୍ୟ କଲେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଢ଼ାଯାଇପାରିବ ।'

ଉକ୍ତ ବୈଠକରେ ଯୋଗଦେଇ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA), ଲିପା ମହାନ୍ତି କହିଲେ ଆଇନଗତ ସୁରକ୍ଷା ଓ ଅଧିକାର ପାଇବାରେ କୌଣସି ବି ଶିଶୁ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA) ସଦାସର୍ବଦା ପ୍ରସ୍ତୁତ ରହିଛି । ଅନେକ ସମୟରେ ପାରିବାରିକ ଆର୍ଥିକ ଅନାଟନ, ସାମାଜିକ ସଂକଟ କିମ୍ବା ଶୋଷଣର ଶିକାର ହୋଇ ଶିଶୁମାନେ ନିଜ ପରିବାରଠାରୁ ଅଲଗା ହୋଇଯାଆନ୍ତି । ଏହିଭଳି ସଂକଟାପନ୍ନ ସ୍ଥିତିରେ ଥିବା ଶିଶୁ ଓ ସେମାନଙ୍କ ପରିବାରକୁ ତୁରନ୍ତ ମାଗଣା ଆଇନଗତ ସହାୟତା, ଆଇନଗତ ପରାମର୍ଶ ଏବଂ ନ୍ୟାୟ ଯୋଗାଇଦେବା ଆମର ପ୍ରାଥମିକ ଦାୟିତ୍ୱ । ଏହାଛଡ଼ା, ବାଲ୍ୟବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଭଳି ଅପରାଧ ରୋକିବା ପାଇଁ ଉଖଝଇ ପକ୍ଷରୁ ସମାଜର ତୃଣମୂଳ ସ୍ତରରେ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି ।'

ଉକ୍ତ ବୈଠକରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ କହିଲେ 'ଯାଜପୁର ଜିଲ୍ଲାରେ ଏହି ଆଞ୍ଚଳିକ ବୈଠକ ଆୟୋଜିତ ହୋଇଥିବାରୁ ଆମେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍ ?କୁ ଧନ୍ୟବାଦ ଜଣାଉଛୁ । ଜିଲ୍ଲା ପ୍ରଶାସନ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ପରିବାର ସଶକ୍ତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ବିଭିନ୍ନ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କଲେ ଯାଇ ଶିଶୁ ସୁରକ୍ଷା ସୁନିଶ୍ଚିତ କରିପାରିବା. ଶିଶୁ ସୁରକ୍ଷା ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଅଧିକ କ୍ରିୟାଶୀଳ କରାଯିବ ।'

ଉକ୍ତ ବୈଠକରେ ଯୋଗଦେଇ ୟୁନିସେଫ୍ (UNICEF) ପ୍ରତିନିଧି ଶ୍ରୀ ଘାସିରାମ ପଣ୍ଡା କହିଲେ 'ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ୟୁନିସେଫ୍ ସବୁବେଳେ ରାଜ୍ୟ ସରକାର ଓ ଆୟୋଗଙ୍କ ସହ ମିଶି କାର୍ଯ୍ୟ କରିଆସୁଛି । ଆମର ପ୍ରାଥମିକତା ହେଉଛି ଶିଶୁମାନଙ୍କୁ ଅନୁଷ୍ଠାନଗତ ଯତ୍ନରୁ ମୁକ୍ତ କରି ପାରିବାରିକ ଯତ୍ନ ମଧ୍ୟରେ ଆଣିବା(De-institutionalization) । ଏହି ଆଞ୍ଚଳିକ ପରାମର୍ଶ ବୈଠକ ମାଧ୍ୟମରେ ୪ଟି ଜିଲ୍ଲାର ଅଧିକାରୀମାନଙ୍କୁ ସଚେତନ କରାଯିବା ସହ ଶିଶୁ ସୁରକ୍ଷା କ୍ଷେତ୍ରରେ ନୂତନ କୌଶଳ ଓ ନୀତି କାର୍ଯ୍ୟକାରୀ କରାଯାଉଛି ।'

ବୈଠକରେ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ—ଏହି ୪ଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (DCPU)ର କର୍ମକର୍ତ୍ତା, ଶିଶୁ ମଙ୍ଗଳ କମିଟି (ଙ୍ଘ)ର ସଦସ୍ୟ ଏବଂ ଆଇନ ବିଶେଷଜ୍ଞମାନେ ବ୍ୟାପକ ଆଲୋଚନାରେ ଭାଗ ନେଇଥିଲେ । ଆଲୋଚନା ପ୍ରସଙ୍ଗରେ ବକ୍ତାମାନେ ମତ ରଖିଥିଲେ ଯେ, କୌଣସି ବି ଶିଶୁ ପାଇଁ ସେମାନଙ୍କ ପରିବାର ହିଁ ସବୁଠାରୁ ସୁରକ୍ଷିତ ଓ ଶ୍ରେଷ୍ଠ ସ୍ଥାନ । ଶିଶୁଟିଏ ଯେପରି ଗରିବୀ, ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁଁ ନିଜ ପରିବାରଠାରୁ ବିଚ୍ଛିନ୍ନ ନ ହୁଏ, ସେଥିପାଇଁ ବିଭିନ୍ନ ସରକାରୀ ଯୋଜନା ଓ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା । ଅନାଥ କିମ୍ବା ଅସହାୟ ଶିଶୁଙ୍କ ପାଇଁ ଫୋଷ୍ଟର କେୟାର (ଋକ୍ଷ୍ଟଗ୍ଧରକ୍ସ ଉବକ୍ସର) ଓ ପ୍ରାୟୋଜିତ ସହାୟତା (Sponsorship) ପରି ପରିବାରଭିତ୍ତିକ ଯତ୍ନ ପ୍ରକ୍ରିୟାକୁ ଆଗକୁ ନେବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର , ଯାଜପୁର, ଦିବ୍ୟାଭୂଷଣ ମହାନ୍ତି ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ଯଜପୁର, ଟଭସମରଲ ପରାମର୍ଶଦାତା ଅଙ୍କିତ କୁମାର କେଶରୀ, ହ୍ୱେ ଓ ହୋମ ର ଜାତୀୟ ପ୍ରମୁଖ ସଚିନ କୁମାର, ଙ୍କଭସମରଲ ର ଶକୁନ୍ତଳା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଯାଜପୁର ର ତପନ କୁମାର ପତ୍ର ଓ ଅର୍ଚ୍ଚନା କୁମାରୀ ସାମନ୍ତ, ସରୋଜ କୁମାର ସାହୁ, କାଳୀ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କାର୍ଯ୍ୟ ଅଗ୍ରଗତି ସମୀକ୍ଷା



ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍ ତିରୁମାଲା ନାଏକଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକ ପ୍ରାରମ୍ଭରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟସ୍ତରୀୟ ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି, ସେ ସଂପର୍କରେ ସମୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି । ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି ।

ଯୋଜନାର କାର୍ଯ୍ୟାନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସେଲ୍‌ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକ ତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଛି । ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ବିଦ୍ୟାଳୟର ନିକଟସ୍ଥ ସରକାରୀ/ବେସରକାରୀ ଜମି ଅଧିଗ୍ରହଣ କରିବା ଏବଂ କେବଳ ପଞ୍ଚାୟତ ମୁଖ୍ୟାଳୟରେ ଏହି ବିଦ୍ୟାଳୟ ସ୍ଥାପନ ସୀମିତ ନରଖି, ସେଠାରେ ଜମି ଉପଲବ୍ଧ ନଥିଲେ ପଞ୍ଚାୟତର ସର୍ବାଧିକ ଜନବସତି ଥିବା ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଗାଇଡଲାଇନ ସଂଶୋଧନ ପ୍ରସ୍ତାବ ଦିଆଯାଇଛି ।

# ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହେଲେ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ



ଭୁବନେଶ୍ୱର :ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ନାୟକ ୨୦୦୪ ମସିହା ଫେବୃଆରୀ ୨୦ ତାରିଖରେ ବାରମୁଣ୍ଡଳୀସ୍ଥିତ ମରୀଚପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ । ଅଭିଜ୍ଞତା ଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ୨ ଟି ଅନ୍ତର୍ଜାତୀୟ ଓ ୪ ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି ।

ରାଜ୍ୟ ବୋର୍ଡ ବିଜ୍ଞାନ ପାଠ୍ୟପୁସ୍ତକକୁ ଆଧାର କରି ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜ୍ଞାନାଗାରରେ ପରୀକ୍ଷା' ପ୍ରକାଶିତ ହୋଇଛି । ଏହି ପୁସ୍ତକରେ ସ୍କୁଲ ଲାବ୍ରୋଟୋରୀ ଏବଂ ଘରେ ମିଳୁଥିବା ସହଜଲଭ୍ୟ ସାମଗ୍ରୀକୁ ବ୍ୟବହାର କରି ବିଜ୍ଞାନ ପରୀକ୍ଷଣ କରିବାର ସରଳ ଉପାୟ ରହିଛି, ଯାହା ଶିକ୍ଷାର୍ଥୀଙ୍କ ପାଇଁ ବିଜ୍ଞାନ ପାଠକୁ ଅଧିକ କାର୍ଯ୍ୟଭିତ୍ତିକ ଓ ଆନନ୍ଦଦାୟକ କରିପାରିଛି ।ଏହା ବ୍ୟତୀତ ଶ୍ରୀ ନାୟକ ଏକାଧିକ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୟୁଟ୍ୟୁବ୍ ଲାଇଭ୍ କ୍ଲାସରେ ଶିକ୍ଷାଦାନ କରିଛନ୍ତି । ତାଙ୍କର ନୂତନ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଭିତ୍ତିକ ଶିକ୍ଷା, ଗବେଷଣା ଭିତ୍ତିକ ଶିକ୍ଷା, ହାତପାହାନ୍ତା କାର୍ଯ୍ୟକଳାପ, ନୃତ୍ୟ ମାଧ୍ୟମରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା, ଯୋଗ ମାଧ୍ୟମରେ ଶିକ୍ଷା, ଖେଳ ମାଧ୍ୟମରେ ଶିକ୍ଷା ଏବଂ କଳା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଅନ୍ତର୍ଭୁକ୍ତ । ଏହି ଆଭିମୁଖ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦଦାୟକ, ସକ୍ରିୟ ଏବଂ ଛାତ୍ରକୈନ୍ଦ୍ରିକ କରିପାରିଛି ।

ଭୌତିକ ବିଜ୍ଞାନ ଓ ଗଣିତର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରି ସେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ସହ ବିଜ୍ଞାନ ଓ ଗଣିତ ଶିକ୍ଷାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଛନ୍ତି । ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଜଣେ ଛାତ୍ର ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଏବଂ ୮ ଜଣ ଛାତ୍ର ଜାତୀୟସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଗୌରବ ଅର୍ଜନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ନିଜର ଅତୁଳନୀୟ ଯୋଗଦାନ ପାଇଁ ଶ୍ରୀ ନାୟକ ପୂର୍ବରୁ ଓଡ଼ିଶା ସରକାରଙ୍କ ଦ୍ୱାରା 'ରାଜ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୩' ଏବଂ 'ପ୍ରକୃତି ବନ୍ଧୁ ପୁରସ୍କାର'ରେ ସମ୍ମାନିତ ହୋଇସାରିଛନ୍ତି ।

# ସାଂସଦ ଭାବରେ ୭ବର୍ଷର ହିସାବ ଦେଲେ ଅପରାଜିତା



ଭୁବନେଶ୍ୱର : ବିକାଶ ଓ ସେବା ହିଁ ରାଜନୀତି ର ମୂଳ ମନ୍ତ୍ର। ଯାହାକୁ ପାଥେୟ କରି ଜନସଂପର୍କ,ସଂଗଠନ ଗଢ଼ିବା ସହିତ ସାଂସଦ ଭାବରେ ସଂସଦ ଓ ଦେଶ ବିଦେଶରେ ବିଭିନ୍ନ ଭୂମିକାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛି। ସାଂସଦ ଭାବରେ ନିଜର କାର୍ଯ୍ୟକାଳ ର ୭ ବର୍ଷ ପୂରଣ କରିଥିବା ବେଳେ ଏଭଳି କିଛି କହି ୭ବର୍ଷର ନିଜ କାର୍ଯ୍ୟ ମାନଙ୍କର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗତ ୨୦୧୯ ମସିହାରେ ପ୍ରଥମ ଥର ଲାଗି ଜଣେ ଦକ୍ଷ ପ୍ରଶାସିକା ରୁ ରାଜନେତା ବନିଥିବା ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱର ସାଂସଦ ଭାବରେ ନିର୍ବାଚିତ ହୋଇ ପାଞ୍ଚ ବର୍ଷ ନିଜ କାର୍ଯ୍ୟକାଳ ପୂରଣ କରିଥିଲେ। ପୁନର୍ବାର ୨୦୨୪ ନିର୍ବାଚନ ରେ ଭୁବନେଶ୍ୱର ବାସୀ ଅପରାଜିତାଙ୍କୁ ନିଜର ପ୍ରଥମ ପସନ୍ଦ ଭାବରେ ବାଛିଥିଲେ ।ତେବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନିଜ କାର୍ଯ୍ୟକାଳ ର ୭ବର୍ଷ ପୂରଣ ପରେ ନିଜ ୭ ବର୍ଷ ର ୭୦ ବିକାଶ ଓ ସେବା ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଛନ୍ତି ଅପରାଜିତା।

ନିଜ କାର୍ଯ୍ୟକାଳ ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା,କୃଷି ଆଦିର ବିକାଶ, ପାନୀୟ ଜଳ ଯୋଗାଣ,ବିଦ୍ୟୁତ ଯୋଗାଣ ସମେତ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା କୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତଙ୍କର ସହଯୋଗ ରେ କାମ କରାଯାଉଥିବା ଦର୍ଶାଇଛନ୍ତି ସାଂସଦ।

# ସରକାରଙ୍କ ପଞ୍ଚାୟତ ଥୋପ



ଭୁବନେଶ୍ୱର:ଆସନ୍ତାବର୍ଷ ଏପ୍ରିଲ, ମେ' ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ତେଣୁ ଗ୍ରାମପଞ୍ଚାୟତଗୁଡିକୁ ସମୃଦ୍ଧ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ 'ଗ୍ରାମ ସମ୍ପଦ' ବା 'ବହୁମୁଖୀ ପଞ୍ଚାୟତ ସୁବିଧା ଏବଂ ଗ୍ରାମାଞ୍ଚଳ ବିକାଶ ପାଇଁ ସ୍ଥାୟୀ ସମ୍ପଦର ସବୁଜ, ସୁରକ୍ଷିତ ଏବଂ ସୁଗମ ମଡେଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ପଞ୍ଚାୟତସ୍ତରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ବିଜିବିଓ, ସିଏଫ୍‌ସି, ଏସ୍‌ଏଫ୍‌ସି, ସିଏସ୍ଆର୍, ଡିଏମ୍‌ଏଫ୍, ବିଧାୟକ ପାଣ୍ଠି, ଭିଭିଜି ରାମ୍‌ଜୀ ଆଦିକୁ ସମନ୍ୱିତ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ପଞ୍ଚାୟତର ଜନସଂଖ୍ୟାକୁ ଆଧାର କରି ଗ୍ରାମପଞ୍ଚାୟତଗୁଡିକୁ ବର୍ଷକୁ ଦେଢ଼ୁ ତିନି କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯିବ। ଆସନ୍ତା ୫ବର୍ଷକୁ ନଜରରେ ରଖି ଏହା କାର୍ଯ୍ୟକ୍ଷମ ହେବ। ଲୋକ ସେମାନଙ୍କ ଗାଁରେ କ'ଣ କରିବାକୁ ଚାହୁଁଛନ୍ତି ତାହା ଗ୍ରାମ ସଭାରେ ଚୂଡାନ୍ତ କରି ପ୍ରସ୍ତାବ ଦେବେ। ଏଥିରେ ଗାଁରେ ଗାଁ ଗାଁରେ ମନୋରଞ୍ଜନ, କ୍ରୀଡା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ସୁବିଧାକୁ ସୁଦୃଢ଼ କରାଯିବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗାଁରେ ଲୋକଙ୍କୁ ସହରାଞ୍ଚଳ ଭଳି ସବୁ ସୁବିଧା ଓ ଆନୁଷଙ୍ଗିକ ଭିତ୍ତିଭୂମି ହାତପାହନ୍ତାରେ ଉପଲବ୍ଧ କରାଇବା।

ଗ୍ରାମ ସମ୍ପଦରେ ମୁଖ୍ୟତଃ ପ୍ରତି ପଞ୍ଚାୟତରେ ଆଦର୍ଶ ଖେଳପଡିଆ ପାଇଁ ୬୫.୭୫ଲକ୍ଷ, ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ଲକ୍ଷ, ଆଦର୍ଶ ପୋଖରୀ ପାଇଁ ୩୪ଲକ୍ଷ, ଆଦର୍ଶ ଶ୍ମଶାନ ପାଇଁ ୨୨ଲକ୍ଷ, ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ଲକ୍ଷ, ଆଦର୍ଶ ଗ୍ରାମୀଣ ହାଟ ପାଇଁ ୧୬.୫୦ଲକ୍ଷ, ଆଦର୍ଶ ପଞ୍ଚାୟତ ପାଠାଗାର ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

ଆଦର୍ଶ କଲ୍ୟାଣ ମଣ୍ଡପଗୁଡିକୁ ଏମିତି ନିର୍ମାଣ କରାଯିବ ଯେପରି ସେଠାରେ କେବଳ ବିବାହ ଓ ବ୍ରତଘର ନୁହେଁ, ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ। ଏଥିରେ ବଡ ହଲ୍ ସହ ପେଣ୍ଡାଲ ଓ ଦୁଇଟି ଗ୍ରିନ ରୁମ୍ ରହିବ। ନାଚ, ଗୀତ, ଡ୍ରାମା ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଇପାରିବ। ଭୋଜିଭାତ ପାଇଁ ମଧ ସୁବିଧା ରହିବ। ପଞ୍ଚାୟତ ପକ୍ଷରୁ ପାଇପ୍ ପାଣି ଯୋଗାଇ ଦିଆଯିବ। ଆଗାମୀ ଦିନର ପ୍ରତିବର୍ଷ ଗୋଟିଏ ପଞ୍ଚାୟତରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଯୋଜନା ହୋଇଛି।

ସେହିପରି ଆଦର୍ଶ ପୋଖରୀର ଚାରିପଟେ ପଥର ବନ୍ଧଇ ସହ ପେଭର ବ୍ଲକ୍ ଖଞ୍ଜି ଚଲା ପଥ ନିର୍ମାଣ କରାଯିବ। ଏହା ସହ ମୁକ୍ତାକାଶ ବ୍ୟାୟାମଶାଳା ହେବ। ଆଦର୍ଶ ଶ୍ମଶାନରେ ଶବଦାହ ଗୃହ, ଗାଧୋଇବା ବ୍ୟବସ୍ଥା, ପୋଷାକ ବଦଳାଇବା ଗୃହ ଆଦି ରହିବ। ଶ୍ମଶାନ ଯେପରି ଜବରଦଖଲ ହେବନି ସେଥିପାଇଁ ତାହା ଚାରିକଡ ପାଚେରି ନିର୍ମାଣ କରାଯିବ। ଆଦର୍ଶ ଗ୍ରାମୀଣ ପାର୍କରେ ବିଭିନ୍ନ ପ୍ରକାରର ଗଛ ସହ ଆଲୋକୀକରଣ ବ୍ୟବସ୍ଥା ହେବ।

# ଓଡ଼ିଶାର ସମ୍ପତ୍ତି ଓଡିଶା ଲୋକଙ୍କ ହାତରେ ରହୁ : କଂଗ୍ରେସ




ଭୁବନେଶ୍ୱର :ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଦୀର୍ଘମିଆଦି (ପିପିପି) ମାଧ୍ୟମରେ ଘରୋଇ ଅପରେଟରଙ୍କୁ ଦେବା ପ୍ରକ୍ରିୟାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଦୃଢ଼ ବିରୋଧ କରିଛି। ଓପିସିସି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି,ଯେଉଁ ସରକାରୀ ସମ୍ପତ୍ତିର ଯାତ୍ରୀ ସଂଖ୍ୟା, ରାଜସ୍ୱ ଓ ଗୁରୁତ୍ୱ କ୍ରମାଗତ ଭାବେ ବଢୁଛି, ତାହାକୁ ୫୦ ବର୍ଷ ପାଇଁ ଘରୋଇ ନିୟନ୍ତ୍ରଣକୁ ଦେବାର ଆବଶ୍ୟକତା କ'ଣ?

୨୦୨୪-୨୫ରେ ବିମାନବନ୍ଦର ପ୍ରାୟ ୪୮.୩୯ ଲକ୍ଷ ଯାତ୍ରୀ, ୩୭,୨୦୫ ଏୟାରକ୍ରାଫ୍ଟ ଓ ୯,୦୮୬ ମେଟ୍ରିକ୍ ଟନ କାର୍ଗୋ ହ୍ୟାଣ୍ଡଲ କରିଛି। ୨୦୨୨-୨୩ରେ ଏହାର ଏରୋନୋଟିକାଲ୍ ରେଭେନ୍ୟୁ ୧୦୮.୪୦ କୋଟି ଥିଲା ଏବଂ ବିମାନବନ୍ଦର ଭଲ ଲାଭ ମଧ କରିଥିଲା। ଏପରି ବଢୁଥିବା ଜନତାଙ୍କ ସମ୍ପତ୍ତିର ଭବିଷ୍ୟତ ରାଜସ୍ୱ କାହିଁକି ଘରୋଇ ପରିଚାଳନା କୁ ଦିଆଯିବ ବୋଲି ଡ.ପଟ୍ଟନାୟକ ପ୍ରଶ୍ନ କରିଥିଲେ।

କଂଗ୍ରେସ ଦାବି କରିଛି ଯେ ବିମାନ ବନ୍ଦରର ସମ୍ପୂର୍ଣ୍ଣ ଭ୍ୟାଲୁଏସନ, କନ୍‌ସେସନ ଫି, ରାଜସ୍ୱ ଭାଗ-ମାପ, ଭବିଷ୍ୟତ ଆକଳନ ରାଜସ୍ୱ ଓ ନିଲାମି ପ୍ରକ୍ରିୟା ମାପଦଣ୍ଡ ସାର୍ବଜନୀନ କରାଯାଉ। ବିକାଶ ଓ ଆଧୁନିକୀକରଣ ଆବଶ୍ୟକ ହେଲେ ଏଏଆଇ ମାଧ୍ୟମରେ କରାଯାଉ, ଘରୋଇକରଣ ନୁହେଁ। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଓଡ଼ିଶାର ସମ୍ପତ୍ତି ଏବଂ ଏହାର ଭବିଷ୍ୟତ ଲାଭ ଓଡ଼ିଶାର ଲୋକଙ୍କ ସ୍ୱାର୍ଥରେ ସୁରକ୍ଷିତ ରହିବା ଦରକାର ବୋଲି କଂଗ୍ରେସ କହିବା ସହିତ ଏ ଘରୋଇକରଣ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବା ପାଇଁ ଦୃଢ଼ ଦାବି କରିଛି।

# ଚୌଦ୍ୱାର ସର୍କଲ ଜେଲ ଅଧ୍ୟକ୍ଷଙ୍କୁ ହାଇକୋର୍ଟଙ୍କ ଛାଟ

ଟାଙ୍ଗୀ- ଚୌଦ୍ୱାର : ଗତବର୍ଷ ଦୁର୍ଗାପୂଜା ସମୟରେ ଦୁଇ ଦୁର୍ଦ୍ଦାନ୍ତ କଏଦୀ



ରାଜା ସାହାଣୀ ଏବଂ ମଧୁକାନ୍ତ ରାଣା, ଚୌଦ୍ୱାର ସର୍କଲ ଜେଲର ଗ୍ରୀଲ୍ କାଟି ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ । ଏହି ଘଟଣା ପରେ ଉଭୟଙ୍କୁ ଗିରଫ କରାଯାଇ ଥିଲେ ମଧ୍ୟ ଏହି ପ୍ରସଙ୍ଗକୁ ତତ୍କାଳୀନ ଜେଲର ଓ ଜେଲ ଅଧ୍ୟକ୍ଷ ପରସ୍ପର ଉପରେ ଦୋଷାରୋପ କରି ଚୌଦ୍ୱାର ଥାନାରେ ମାମଲା ଦାୟର କରିଥିଲେ । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଚୌଦ୍ୱାର ପୁଲିସ ବାରମ୍ବାର ଜେଲ୍ ଅଧ୍ୟକ୍ଷ ସୁଜିତ ରାଉଳଙ୍କୁ ତଦନ୍ତ ପାଇଁ ନୋଟିସ କରିବା ସତ୍ତ୍ୱେ ମଧ ଶ୍ରୀ ରାଉଳ ଥାନାରେ ହାଜର ନହେବା ସହିତ ତଦନ୍ତରେ ସାହାଯ୍ୟ କରିନଥିଲେ। ଅନ୍ୟପକ୍ଷରେ ଜେଲ ଅଧ୍ୟକ୍ଷ ଶ୍ରୀ ରାଉଳ ରେଜିଷ୍ଟରରେ ଜାଲ୍ ଦସ୍ତଖତ କରିବା, ଏପରିକି ସରକାରୀ ଦସ୍ତାବିଜ ହେରଫେର କରିବାକୁ ନେଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ତାଙ୍କ ରାୟରେ ଶ୍ରୀ ରାଉଳଙ୍କ ଆଗୁଆ ଜାମିନ ଖାରଜ କରିବା ସହିତ ଆସନ୍ତା ୧୭ ତାରିଖ ଦିନ ଅରିଜିନାଲ ମିନିଟ ବୁକ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଚିନିର ଅହେତୁକ ଦରବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର : ଅତ୍ୟାବଶକୀୟ ଜିନିଷ, ବିଶେଷକରି ଚିନିର ଦରରେ ଅହେତୁକ ବୃଦ୍ଧି ପାଇବା ପରେ ଓ ଦେଶରେ ସମସ୍ତ ରାଜ୍ୟ ମାନଙ୍କ ତୁଳନାରେ ଓଡିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ, ବିଜୁ ଜନତା ଦଳ ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି । ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଅହେତୁକ ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି ।

ଆଜି ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ, ଚିନି ଭଳି ଏକ ନିତ୍ୟ ଆବଶ୍ୟକୀୟ ଜିନିଷର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି । ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ, ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ଚିନିର ଦର ଓଡିଶାରେ ସର୍ବାଧିକ ରହିଛି । ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇନାହାନ୍ତି । ଚିନି ସମେତ ଅତ୍ୟାବଶକୀୟ ଜିନିଷର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ ।

ଡ ମହାନ୍ତି ଆହୁରି କହିଥିଲେ ଯେ, ଦେଶରେ ପେଟ୍ରୋଲ ସହିତ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି । କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା । ଉଲ୍ଲେଖଯୋଗ୍ୟ, ଭାରତରେ ଉତ୍ପାଦିତ ହେଉଥିବା ୨୮% ଆଖୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ହେଉଛି, ଯାହା ଯୋଗୁଁ ଭାରତରେ ଚିନି ଉତ୍ପାଦନ ହ୍ରାସ ପାଇଛି । କିନ୍ତୁ ଦେଶରେ ଇଥାନଲ ଉତ୍ପାଦନରେ ଅହେତୁକ ବୃଦ୍ଧି ପାଇବା ପରେ, ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତ ବିଦେଶରୁ ଆମଦାନୀ କରିବ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଚିନିର ଅଭାବ ମନୁଷ୍ୟକୃତ ଓ ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ ।



Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍ସିତା ପତି